## କୂଳଖାଉଛି ନାଗାବଳୀ ନଦୀ

# ବିପଦରେ ୩୦ରୁ ଉର୍ଦ୍ଧ୍ୱ ଗାଁ

ରାୟଗଡ଼ା,୧୧୭/ଏନ୍ଏନ୍ଏସ୍: ସମ୍ପ୍ରତି ବର୍ଷା ଋତୁ ଥିବାବେଳେ ସାମାନ୍ୟ ବର୍ଷା ହେଲେ ରେବତିଗୁଡ଼ା, ବିରିବାଡ଼ି, ଲେଲିପଦ ଗ୍ରାମବାସୀଙ୍କ ଚିନ୍ତା ବଢ଼ିବାରେ ଲାଗୁଛି । ଗ୍ରାମ ନିକଟ ଦେଇ ବହିଯାଉଥିବା ନାଗାବଳୀ ନଦୀ କୂଳ ଖାଇବାରେ ଲାଗିଛି । କୂଳ ଖାଇ ଖାଇ ଗ୍ରାମଠାରୁ ନଦୀର ଦୂରତା କମ୍ ରହିଛି । ଏହାର ପ୍ରଭାବରେ ୩୦ ରୁ ଉର୍ଦ୍ଧ୍ୱ ଗାଁ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ଗ୍ରାମରେ ୧୫୦ ପରିବାର ବସବାସ କରୁଥିବା ବେଳେ ଗାଁର ତିନୋଟି ସୀମାକୁ ଲାଗିରହିଛି ନାଗାବଳୀ ନଦୀ ।



ଦିନ ଥିଲା ରେବତିଗୁଡ଼ା ସୀମାଠାରୁ ପାରୁ ୩୦୦ ମିଟର ଦୂରରେ ନାଗାବଳୀ ନଦୀ ବହୁଥିବା ବେଳେ ସମୟ ଚକ୍ରରେ ବାରମ୍ବାର ନଦୀର ଗତିପଥର ପରିବର୍ତ୍ତନ ଯୋଗୁଁ ଶଙ୍କଟରେ ପଡ଼ିଯାଇଥିବା କହିଛନ୍ତି ରବି କଣ୍ଡାଗରି । ୨୦୦୦ ମସିହା ବେଳକୁ ନଦୀର ଆରପଟ କୂଳଖାଉଥିବା ବେଳେ ବର୍ତ୍ତମାନ ଓଲଟା ଗାଁ ଆଡ଼କୁ ନଦୀ ମାଡ଼ିଆସିବା ଫଳରେ ନାଗାବଳୀ ନଦୀ ଓ ଗାଁ ମଧ୍ୟରେ ମାତ୍ର ୫୦ ମିଟର ବ୍ୟବଧାନ ରହିଥିବା କହିଛନ୍ତି ଧନପତି ରତ୍ନାଲୁ । ବର୍ଷର ଅନ୍ୟ ଦିନ ଅପେକ୍ଷା ବର୍ଷା ଋତୁ ଆସିଲେ ନିଦ ହଜିଯାଉଥିବା ବେଳେ ପ୍ରତ୍ୟେକ ଦିନ ମାଟି ଅତଡ଼ା ଧସିବା ଫଳରେ ଗାଁର ଘରଗୁଡ଼ିକ ଫାଟି ଆଁ ହେବାରେ ଲାଗିଥିବା ରତ୍ନାଲୁ କହିଛନ୍ତି । ସେପଟେ ଏନେଇ ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ମନ୍ତ୍ରୀ, ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଲେ ମଧ୍ୟ କେହି କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି ଗାଁର ଯୁବକ ସଂଘ ସଭାପତି ରବି କଣ୍ଡାଗରି ।

ଗୋଟିଏ ପଟେ ଦିନ ମଜୁରିଆ ଜୀବନ ବିତାଉଥିବା ଏହି ଗ୍ରାମବାସୀ ବର୍ଷା ଦିନରେ ପେଟପାଟଣା ପାଇଁ ଗାଁରୁ ସହରକୁ ଦୌଡୁଥିବା ବେଳେ ସନ୍ଧ୍ୟା ହେଲେ ନାଗାବଳୀର ପ୍ରକୋପରେ କେତେବେଳେ ଯେ ମୁଣ୍ଡ ଗୁଞ୍ଜିଥିବା ଘରଖଣ୍ଡିକ ଚାଲିଯିବ ସେ ଭୟରେ ଦିନ କାଟୁଛନ୍ତି ରେବତିଗୁଡ଼ା ବସିନ୍ଦା । କେବଳ ରେବତିଗୁଡ଼ା କଥା ନୁହଁ ସମଦଶା ଭୋଗୁଛନ୍ତି ନିକଟରେ ଥିବା ବିରିବାଡି, ଲେଲିପଦର ଗ୍ରାମବାସୀ । ଗତ ୨୦୧୭ ଜୁଲାଇ ୧୬ ରେ ନାଗାବଳୀରେ ବନ୍ୟାପରେ ରାୟଗଡ଼ା, କଲ୍ୟାଣସିଂହପୁର ଏବଂ କୋଲନରା ବ୍ଲକର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଗାଁ ଏବେବି ବିପଦପୂର୍ଣ୍ଣ ରହିଛି । ସେଥିମଧ୍ୟରୁ କଲ୍ୟାଣସିଂହପୁର ବ୍ଲକର କୁମ୍ଭାରଗୁଡ଼ା, ଜିଲୁଣ୍ଡି, ଭେଜା, ବୁଢ଼ାଗୁଡ଼ା, ମାଝୀଗୁଡ଼ା ପ୍ରଭାବିତ ହୋଇଥିବା ବେଳେ କୋଲନରା ବ୍ଲକର ରେବତୀଗୁଡ଼ା, ବିରିବାଡ଼ି ଓ ଲେଲିପଦର ଏବଂ ରାୟଗଡ଼ା ବ୍ଲକର ସାନଚାପିଲି, କୋଟାପେଟା, କୁମୁଟୈଲପେଟା, ଦେବଦଳା, ବେହେରାଗୁଡ଼ା, ଜଗନ୍ନାଥପୁର, ବେଡ଼େଲି, ଗୋସେଇଁକଣ୍ଟୁଆ ଏବଂ ଉମରବାଲି ଗାଁକୁ ନାଗାବଳୀ ବିପଦ ସାଜିଛି । ଏପରିସ୍ଥଳେ ତୁରନ୍ତ ବନ୍ୟାପ୍ରତିରୋଧକ ପାଚେରୀ କରାଯାଇ ବ୍ୟାପକ ବନୀକରଣ କରାନଗଲେ ହୁଏତ ନାଗାବଳୀର ଆଉଏକ ବନ୍ୟା ପରେ ସେଥିମଧ୍ୟରୁ କିଛି ଗାଁ ନିଶ୍ଚିହ୍ନ ହୋଇଯିବ ଏଥିରେ ସନ୍ଦେହ ନାହିଁ ।

ତେବେ ଏନେଇ ଅତିରିକ୍ତ ଜିଲ୍ଲାପାଳ ସୁଧାକର ଶବର କୁହନ୍ତି ଯେ, ରେବତିଗୁଡ଼ାରେ ପଥର ପିଚିଙ୍ଗକାମ ଆରମ୍ଭ ହୋଇଛି ଆଉକିଛି ପ୍ରସ୍ତାବ ରହିଛି ସେଥିପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ମଞ୍ଜୁରୀ ମିଳିଲେ ଯଥାଶୀଘ୍ର କାମ ଆରମ୍ଭ ହେବ । ଏଥିସହିତ ନାଗାବଳୀ ନଦୀ କୂଳରେ ବ୍ୟାପକ ଚାରାରୋପଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ନିତିଦିନ NITIDIN Fri, Jul 12, 2019
http://odishanewsnitidin.com